# ଓଡ଼ିଶା ବିଧାନସଭା

## ତୃତୀୟ ଅଧିବେଶନ

## ମୌଖିକ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ
## ୨୭ ମାର୍ଚ୍ଚ, ୨୦୨୫

----

**[ଜଳ ସମ୍ପଦ - ବାଣିଜ୍ୟ - ଯୋଜନା ଓ ସଂଯୋଜନ - ଇସ୍ପାତ ଓ ଖଣି - ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା - ପରିବହନ - ସୂଚନା ଓ ଲୋକ ସମ୍ପର୍କ - ମୁଖ୍ୟମନ୍ତ୍ରୀ ].**

**ମୋଟ ପ୍ରଶ୍ନର ସଂଖ୍ୟା 30**

----

### ଜଳବନ୍ଦୀ ସମସ୍ୟାର ସମାଧାନ

***601 ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- କେନ୍ଦ୍ରାପଡା ଜିଲ୍ଲାରେ ଜଳବନ୍ଦୀ ଏକ ପ୍ରମୁଖ ସମସ୍ୟା, ଏହାର ପ୍ରତିକାର ପାଇଁ କଣ କଣ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି ଓ ସେ ବାବଦକୁ କେତେ ଅର୍ଥ ପ୍ରାବଧାନ କରାଯାଇଅଛି, କେଉଁ କେଉଁ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବା ନିମନ୍ତେ ସ୍ଥିର ହୋଇଛି, ସେ ସମ୍ପର୍କରେ ସମସ୍ତ ତଥ୍ୟ ଉପସ୍ଥାପନ କରିବେକି ?

----

### ରାଜସ୍ୱ ଗ୍ରାମ ଓ ପଡା ଗ୍ରାମର ବିବରଣୀ

***602 ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ (ଖଣ୍ଡପଡା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରଣପୁର ବିଧାନସଭା କ୍ଷେତ୍ର ମଧ୍ୟରେ କେତେଗୋଟି ରାଜସ୍ୱ ଗ୍ରାମ ଓ ପଡା ଗ୍ରାମ (Hamlet) ରହିଛି, ତାର ସମ୍ପୂର୍ଣ୍ଣ ବିବରଣୀ ସହ ବର୍ତ୍ତମାନର ଜନଗଣନା ସ୍ଥିତି ଅନୁସାରେ ପ୍ରତି ଗ୍ରାମର ପୁରୁଷ, ମହିଳା, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିର ଜନସଂଖ୍ୟା କେତେ ରହିଛି, ତାହା ଜଣାଇବେ କି, ଉକ୍ତ ନିର୍ବାଚନ ମଣ୍ଡଳୀ କ୍ଷେତ୍ରରେ ରହିଥିବା କେତେଗୋଟି ପଡା ଗ୍ରାମକୁ ରେଭିନ୍ୟୁ ଗ୍ରାମରେ ପରିବର୍ତ୍ତନ କରିବାକୁ ପ୍ରସ୍ତାବ ସରକାରଙ୍କ ପାଖରେ ରହିଅଛି, ଏହା ଜଣାଇବେ କି ?

----

## ଖଣିଜ ବ୍ଲକ ଗୁଡ଼ିକରୁ Royalty ଯୋଗାଣ

***603 ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଓଡିଶା ସରକାର ଗତ ୨ ବର୍ଷ ମଧ୍ୟରେ ଖଣି ସମ୍ବନ୍ଧୀୟ କାର୍ଯ୍ୟକଳାପରୁ ସମୁଦାୟ କେତେ ଟଙ୍କା ରାଜସ୍ୱ ବାବଦରେ ଆଦାୟ କରିଛନ୍ତି ତାହାର ହିସାବ ଦେବା ସହ ପ୍ରମୁଖ ଖଣିଜ ବ୍ଲକ ଗୁଡ଼ିକରୁ କେତେ Royalty ଆଦାୟ ହୋଇଛି ଓ କେତେ ବକେୟା ରହିଛି ଓ ବକେୟା ରହିଥିବା Royalty ଶୀଘ୍ର ଆଦାୟ କରିବା ପାଇଁ କଣ ପଦକ୍ଷେପ ନିଆଯାଇଛି; (ଖ) ଖଣି କ୍ଷେତ୍ରରେ ରାଜସ୍ୱ ହାନି ରୋକିବା ପାଇଁ କ'ଣ ପଦକ୍ଷେପ ନିଆଯାଇଛି ?

----

## DMF ଓ OMBADC ଅର୍ଥ ବିନିଯୋଗ

***604 କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ମୟୁରଭଞ୍ଜ ଜିଲ୍ଲାରେ ସାମାଜିକ-ଆର୍ଥିକ ବିକାଶ ଲକ୍ଷ୍ୟରେ DMF, OMBADC, CSR ରେ କେତେ ଟଙ୍କା କେଉଁ କେଉଁ ଠାରେ ବିନିଯୋଗ କରାଯାଇଛି ଓ ତଦ୍ୱାରା ଜିଲ୍ଲାରେ ଦାରିଦ୍ର୍ୟ, କୃଷି, ଜଳସେଚନ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନରେ ଉନ୍ନତି ଘଟିଛି?

----

## ସ୍ୱୀକୃତିପ୍ରାପ୍ତ ଗଣମାଧ୍ୟମର ସଂଖ୍ୟା

***605 ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ସରକାର ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ପ୍ରଦାନ କରୁଥିବା ସ୍ୱୀକୃତି ପତ୍ର (Accredition) କେଉଁ ଆଧାରରେ ନିଷ୍ପତ୍ତି ନେଇଥାଆନ୍ତି, ବର୍ତ୍ତମାନ ରାଜ୍ୟରେ (ଭୁବନେଶ୍ୱରରେ) ସ୍ୱୀକୃତିପ୍ରାପ୍ତ ଗଣମାଧ୍ୟମର ପ୍ରତିନିଧିମାନଙ୍କର ନାମ କଣ ଓ ସେମାନଙ୍କୁ କି କି ସରକାରୀ ସୁଯୋଗ ଦିଆଯାଇଛି?

----

## ବିମାନବନ୍ଦର ପ୍ରତିଷ୍ଠା ଓ ବିମାନ ଚଳାଚଳ ଲାଗି ପଦକ୍ଷେପ

***606 ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଏବେ କେଉଁ କେଉଁ ବିମାନ ବନ୍ଦରକୁ ଦେଶ ଓ ବିଦେଶର କେଉଁ କେଉଁ ସ୍ଥାନକୁ କେତୋଟି ବିମାନ ଚଳାଚଳ ବ୍ୟବସ୍ଥା ରହିଛି ଓ ରାଜ୍ୟରେ ଆଉ କେଉଁ କେଉଁ ସ୍ଥାନରେ ବିମାନ ବନ୍ଦର ପ୍ରତିଷ୍ଠା ଓ ବିମାନ ଚଳାଚଳ ଲାଗି କି ପଦକ୍ଷେପ ନିଆଯାଉଛି; ଭୁବନେଶ୍ୱର ସ୍ଥିତ ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦର ଦେଇ ଗତ ଆର୍ଥିକ ବର୍ଷରେ ଓ ଚଳିତ ଆର୍ଥିକ ବର୍ଷ ଏଯାଏଁ ଦୈନିକ ହାରାହାରି କେତେ ବିମାନ କେଉଁ ସ୍ଥାନକୁ ଯିବା ଆସିବା କରିଛି ?

----

## ଭୂତଳ ଜଳସ୍ତର ବୃଦ୍ଧି ପାଇଁ ପଦକ୍ଷେପ

***607** **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟର କେଉଁ କେଉଁ ଜିଲ୍ଲାରେ ଭୂତଳ ଜଳ ସ୍ତର ହ୍ରାସ ପାଉଛି ଓ କେଉଁ କେଉଁ ଜିଲ୍ଲାରେ ଭୂତଳ ଜଳସ୍ତର ବୃଦ୍ଧି ପାଉଛି , ଝାରସୁଗୁଡା ଜିଲ୍ଲାରେ ୨୦୧୪ ମସିହାରେ ଭୂତଳ ଜଳସ୍ତରର ପରିମାଣ କେତେ ଥିଲା ଓ ବର୍ତ୍ତମାନ ଏହାର ସ୍ତର କେତେ ରହିଛି, ଭୂତଳ ଜଳସ୍ତର ବୃଦ୍ଧି ପାଇଁ ସରକାରଙ୍କ ପକ୍ଷରୁ କି କି ଯୋଜନା ହାତକୁ ନିଆଯାଇଛି ?

----

## Demolition of constructed building at Nuasahi

***608** **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) The specific reasons for demolition of constructed buildings at Nuasahi, Bidanasi, Cuttack despite long-term residence of citizens in the area; (b) Why the department continues to deny land conversion applications from Nuasahi, Bidanasi residents despite their established tenancy spanning several years ; and What concrete steps the Government intends to undertake to provide legitimate land documents including 'Record of rights/PATTA' to the affected residents and ensure their proper rehabilitation and settlement?

----

## DMF Board ର ବୈଠକ ଦ୍ୱାରା ପ୍ରକଳ୍ପ ଅନୁମୋଦନ

***609** **ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ (ରେଢ଼ାଖୋଲ):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସମ୍ବଲପୁର ଜିଲ୍ଲାରେ DMF ପାଣ୍ଠି ବାବଦରେ ବାର୍ଷିକ କେତେ ଟଙ୍କା ହାରାହାରି ଜମା ହେଉଅଛି ଏବଂ ବର୍ତ୍ତମାନ କେତେ ପାଣ୍ଠି ଗଚ୍ଛିତ ଅଛି, ଏଥିରୁ କେତେ ପାଣ୍ଠି କେଉଁ କେଉଁ ଅଞ୍ଚଳରେ କେଉଁ କେଉଁ ପ୍ରକଳ୍ପ ପାଇଁ ମଞ୍ଜୁର ହୋଇ କେତେ ପ୍ରତିଶତ ଖର୍ଚ୍ଚ ହୋଇଛି, ବାର୍ଷିକ କେତେଥର DMF Board ବସିବାର ବିଧାନ ଅଛି ଏବଂ 2024-25 ବର୍ଷରେ କେତେଥର ବୈଠକ ବସି କେଉଁ ପ୍ରକଳ୍ପମାନ ପାଇଁ କେତେ ଅନୁଦାନ ମଞ୍ଜୁର ହୋଇଅଛି ?

----

## ଓଡ଼ିଶା ରାଜ୍ୟ ଯୋଜନା ବୋର୍ଡର ଭୂମିକା

***610** **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ସରକାରଙ୍କ ଆକଳନରେ ବିକଶିତ ଗଠନ ଦିଗରେ ଓଡ଼ିଶା ରାଜ୍ୟ ଯୋଜନା ବୋର୍ଡର କିଛି ଭୂମିକା ରହିବ କି, ଯଦି ହଁ, ତେବେ ୧୭ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଏଯାବତ୍ ଓଡ଼ିଶା ରାଜ୍ୟ ଯୋଜନା ବୋର୍ଡର ବୈଠକ ନହେବାର କାରଣ କଣ, ଓଡ଼ିଶା ରାଜ୍ୟ ଯୋଜନା ବୋର୍ଡର ବୈଠକ ବସିବାକୁ ନେଇ ଯଦି ସ୍ୱତନ୍ତ୍ର ମାର୍ଗଦର୍ଶିକା ରହିଛି, ତେବେ ତାହର ଏକ ନକଲ ପ୍ରଦାନ କରିବେ କି, ଓଡିଶା ରାଜ୍ୟ ଯୋଜନା ବୋର୍ଡର ପୁନର୍ଗଠନ କରିବାକୁ ସରକାରଙ୍କ ଲକ୍ଷ୍ୟ ରହିଛି କି, ଯଦି ହଁ ତେବେ କେବେ ସୁଦ୍ଧା ଏହାର ପୁନର୍ଗଠନ ହେବ ?

----

## ଗଣମାଧ୍ୟମ ପ୍ରତିନିଧିମାନଙ୍କୁ କଲ୍ୟାଣ

*611 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବୈଦ୍ୟୁତିକ, ଛାପା ଓ ସାମାଜିକ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ କଲ୍ୟାଣ ନିମନ୍ତେ ସରକାରଙ୍କ ନୂତନ ଯୋଜନା କଣ ଓ ଏ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଛି?

----

## ଡ୍ରାଇଭିଙ୍ଗ ଟେଷ୍ଟିଙ୍ଗ ପଦ୍ଧତି ଲାଗୁ

*612 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚଳିତ ବିଧାନ ସଭା ପ୍ରଶ୍ନ ନଂ UDAQ No. 1502 ତା. 20.02.25 ରିଖ ଉତ୍ତରରେ ୧୮ ଗୋଟି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ସ୍ୱୟଂଚାଳିତ ଡ୍ରାଇଭିଙ୍ଗ ଟେଷ୍ଟିଙ୍ଗ ପଦ୍ଧତିକୁ ଲାଗୁ କରାଯାଇଥିଲେ ସୁଦ୍ଧା ଭୁବନେଶ୍ୱର ଓ କଟକରେ ଏହି ପଦ୍ଧତି ଲାଗୁ ନକରିବାର କାରଣ କ'ଣ ଏବଂ କେବେ ସୁଦ୍ଧା ଲାଗୁ କରିବେ ?

----

## ସୁବର୍ଣ୍ଣରେଖା ବହୁମୁଖ୍ୟ ପ୍ରକଳ୍ପ କାର୍ଯ୍ୟକାରୀ

*613 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ସୁବର୍ଣ୍ଣରେଖା ନଦୀ ବହୁମୁଖୀ ଯୋଜନା ପ୍ରକଳ୍ପ କାର୍ଯ୍ୟକାରୀତା ଚଳିତ ବର୍ଷ ଆରମ୍ଭ ହୋଇଥିବାରୁ ମୟୁରଭଂଜ ଜିଲ୍ଲାର କେଉଁ ବ୍ଲକ ଓ ବାଲେଶ୍ୱର ଜିଲ୍ଲାର କେଉଁ ବ୍ଲକ ଅଂଚଳରେ ବର୍ତ୍ତମାନ କେତେ ହେକ୍ଟର ଜମି ଜଳସେଚନ ହୋଇପାରୁଛି ଏହାର ସଠିକ ତଥ୍ୟ ସରକାର ଉପସ୍ଥାପନ କରିବେକି, ଜଳସେଚନର ବ୍ୟାପକ ବ୍ୟବସ୍ଥା କରିବାକୁ ଭବିଷ୍ୟତ ଯୋଜନା କଣ?

----

## ସଂପୂର୍ଣ୍ଣ ରାଜସ୍ୱ ଆଦାୟ ପାଇଁ ପଦକ୍ଷେପ

*614 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- OPDR Act 1962 ଅନୁଯାୟୀ ରାଜ୍ୟର କେଉଁ ଜିଲ୍ଲାରେ କେତେ ଗୋଟି OPDR Camp କରାଯାଇ କଉଁ ଜିଲ୍ଲାରୁ କେତେ ବକେୟା ରାଜସ୍ୱ ଆଦାୟ ହୋଇଛି ତାହର ବିବରଣୀ ଦର୍ଶାଇ ଏହାର ସମ୍ପୂର୍ଣ୍ଣ ଆଦାୟ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## DP ମାନ୍ୟତା ପାଇବାକୁ ଥିବା ପରିବାର

*615 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାୟଗଡା ଜିଲ୍ଲାର କଂସାରିଗୁଡା ଠାରେ ନୂତନ ଭାବେ ହେବାକୁ ଥିବା ଆଦିତ୍ୟ ଆଲୁମିନା କମ୍ପାନୀ ରେ DP ମାନ୍ୟତା ପାଇବାକୁ ଥିବା ୪୦ ରୁ ଉର୍ଦ୍ଧ୍ୱ ପରିବାର ଯଥା କଂସାରିଗୁଡା ୧୬, ପୁଟୁଣ୍ଡି ୨୦ ଓ ପୋଡ଼ାପଡି ର କିଛି ପରିବାରଙ୍କୁ DP ମାନ୍ୟତାରୁ ବଞ୍ଚିତ କରାଯିବାର କାରଣ କଣ, ଯଦି ସେମାନଙ୍କୁ DP ମାନ୍ୟତା ଦିଆଯିବାର ଯୋଜନା ଅଛି ତାହାହେଲେ କେବେ ସୁଧା କରିବେ ?

----

## ସାମ୍ବାଦିକମାନଙ୍କ ସୁରକ୍ଷା ଆଇନ ପ୍ରଣୟନ

***616 ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ଭା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟରେ ସାମ୍ବାଦିକ ମାନଙ୍କର ସୁରକ୍ଷା ପାଇଁ କି କି ଆଇନମାନ ପ୍ରଚଳିତ ଅଛି, ଏକ ସ୍ୱତନ୍ତ୍ର ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରିବାକୁ ସରକାରଙ୍କ କିଛି ଯୋଜନା ରହିଛି କି ?

----

## କୋଏଲ ନଦୀରେ ପାଣିସ୍ତର କମିବା ଯୋଗୁଁ ରାଉରକେଲାରେ ପାଣି ସମସ୍ୟା

***617 ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଉରକେଲାରେ ପାଣି ସଂକଟ ନିରାକରଣ ପାଇଁ ଚାଲିଥିବା ଇନ୍-ସ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକଚର (ISS) ପ୍ରକଳ୍ପଗୁଡ଼ିକର ପ୍ରଗତି ସ୍ଥିତି କ'ଣ, କୋଏଲ୍ ନଦୀରେ ପାଣିସ୍ତର କମିବା ଏବଂ ଏହାର ପ୍ରଭାବ ରାଉରକେଲାର ପାଣି ଯୋଗାଣ ବ୍ୟବସ୍ଥାରେ କିପରି ପଡ଼ିଛି, ରାଉରକେଲାର ଜୁଗୁପ୍ତ ଅଞ୍ଚଳଗୁଡ଼ିକରେ ପାଣି ସଂକଟ ସମାଧାନ ପାଇଁ କ'ଣ ପଦକ୍ଷେପ ଗ୍ରହଣ କରାଯାଇଛି, ତା'ର ତଥ୍ୟସହିତ ସବିଶେଷ ବିବରଣୀ ଉପସ୍ଥାପନ କରିବେକି ?

----

## ଚାନ୍ଦବାଲି ନିର୍ବାଚନ ମଣ୍ଡଳୀର ନୂତନ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ

***618 ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚାନ୍ଦବାଲି ନିର୍ବାଚନ ମଣ୍ଡଳୀ ଏକ ବାତ୍ୟା ପ୍ରଭାବିତ ଅଞ୍ଚଳ ହୋଇଥିବା ବେଳେ ଏଠାରେ ଆହୁରି ବାତ୍ୟା ଆଶ୍ରୟସ୍ଥଳୀର ଆବଶ୍ୟକତାକୁ ଆଖି ଆଗରେ ରଖି ଆବଶ୍ୟକ ଥିବା ସ୍ଥାନରେ ନୂଆ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରିବା ପାଇଁ ପ୍ରସ୍ତାବ ଅଛି କି ?

----

## DMF ପାଣ୍ଠି ଖଣି ପ୍ରଭାବିତ ଜିଲ୍ଲାରେ ଖର୍ଚ୍ଚ

***619 ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କ) ବିଗତ ୫ବର୍ଷ ଠାରୁ ଅଦ୍ୟାବଧି DMF ପାଣ୍ଠିରୁ କେତେ ଅର୍ଥ କେଉଁ ଖଣି ପ୍ରଭାବିତ ଜିଲ୍ଲାର କେଉଁ କ୍ଷେତ୍ରରେ ଖର୍ଚ୍ଚ ହୋଇଛି ତାର ବର୍ଷୱାରୀ ଜିଲ୍ଲାୱାରୀ ଖର୍ଚ୍ଚର ସମସ୍ତ ତଥ୍ୟ ଉପୃସ୍ଥାପନା କରିବେ କି, ଏବଂ ଖଣି ଅଞ୍ଚଳରୁ ବିସ୍ଥାପିତ ଲୋକମାନଙ୍କୁ ଥଇଥାନ ହେବାରେ ବ୍ୟାପକ ସମସ୍ୟା ଦେଖା ଦେଉଥିବାରୁ ସେମାନଙ୍କ ପ୍ରତି କି ବ୍ୟବସ୍ଥା କରାଯାଇଛି ତାର ଜିଲ୍ଲାୱାରୀ ସମସ୍ତ ବିଷଦ ବିବରଣୀ ପ୍ରଦାନ କରିବେ କି, ଏବଂ ଖ) ଘରୋଇ କମ୍ପାନୀମାନଙ୍କୁ ଦିଆଯାଇଥିବା ଖଣିଗୁଡିକ ରାଜ୍ୟ ସରକାର ନିଜ ହାତକୁ ଆଣିବା ପାଇଁ କି ପଦକ୍ଷେପ ନେଇଛନ୍ତି, ଏ ଦିଗରେ ସରକାରଙ୍କର ଆଭିମୁଖ୍ୟ କ'ଣ ରହିଛି ?

----

## ଦେବଗଡ ଜିଲ୍ଲାରେ ସୂଚନାକେନ୍ଦ୍ର ଓ ପାଠାଗାର ଆଧୁନିକୀକରଣ

***620 ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ରାଜ୍ୟ ସରକାର ବର୍ତ୍ତମାନ ଯେତେଜଣ ମହାପୁରୁଷ, ସ୍ୱାଧୀନତା ସଂଗ୍ରାମୀମାନଙ୍କର ଜନ୍ମଦିବସ ଓ ଶ୍ରାଦ୍ଧ ବାର୍ଷିକୀ ସରକାରୀସ୍ତରରେ ପାଳନ କରୁଛନ୍ତି ସେମାନଙ୍କ ସଂଖ୍ୟା କେତେ, ପୂଜ୍ୟପୂଜା ଉତ୍ସବ ବାବଦକୁ ବର୍ଷକୁ କେତେ ଟଙ୍କା ଖର୍ଚ୍ଚ ହେଉଛି; (ଖ) ଦେବଗଡ ଜିଲ୍ଲାରେ ସରକାର ପୁରୁଣା ସୂଚନାକେନ୍ଦ୍ର ଓ ପାଠାଗାରକୁ ଆଧୁନିକୀକରଣ କରିବାର ବ୍ୟବସ୍ଥା କରିବେ କି ?

----

## Expansion of OSRTC bus services

***621 ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Can the government provide details regarding the recent expansion of OSRTC bus services across nine new routes, how will these new routes improve connectivity in underserved regions like Balangir district, what progress has been made in the rollout of JBM electric buses across key cities in Odisha, are there any plans to introduce these services in Balangir District to enhance eco-friendly transport ?

----

## ବାଡୋ ରଣପୁର ବୈତରଣୀ ଦକ୍ଷିଣ ପାର୍ଶ୍ୱ ନଦୀବନ୍ଧ ନିର୍ମାଣ

***622 ଶ୍ରୀ ବଦ୍ରି ନାରାୟଣ ପାତ୍ର (ଘସିପୁରା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- କେନ୍ଦୁଝର ଜିଲ୍ଲାରେ ବାତୋ ରଣପୁର ବୈତରଣୀ ଦକ୍ଷିଣ ପାର୍ଶ୍ୱ ନଦୀବନ୍ଧ ନିର୍ମାଣ ପାଇଁ କେଉଁ ମସିହାରେ କେତେ ଅର୍ଥ ବ୍ୟବସ୍ଥା ହୋଇ କାମ ନିର୍ମାଣ ଆରମ୍ଭ ହୋଇଥିଲା ; ଏ କାମ ଏବେ କେଉଁ ସ୍ଥିତିରେ ଅଛି; ଏହି ପ୍ରକଳ୍ପରେ ବାତୋ ପାର୍ଶ୍ୱରେ ପ୍ରଥମ 500 Meter କାମ ଆରମ୍ଭ ନହୋଇଥିବା ଏବଂ ଏହାଦ୍ୱାରା ବନ୍ୟା ଜଳରେ ବାତୋ ଗ୍ରାମ ଜଳମଗ୍ନ ହେଉଥିବା ସରକାର ଜାଣନ୍ତି କି; ଏହା ଆରମ୍ଭ ନହେବାର କାରଣ କ'ଣ; ଏହି କାର୍ଯ୍ୟ କେବେ ଆରମ୍ଭ ହେବ; ଏ Projectରେ କେତେଗୋଟି Sluice ନିର୍ମାଣର ପ୍ରସ୍ତାବ ଥିଲା ଏଥିପାଇଁ କି ଅର୍ଥ ବ୍ୟବସ୍ଥା ଥିଲା; ଏ କାମ ସମ୍ପୂର୍ଣ ହୋଇଛି କି; ଏହି ନଦୀ ବନ୍ଧଟି ଯାଜପୁର, ଆନନ୍ଦପୁର ଭିତରେ ଏକ ସୁନ୍ଦର ରାସ୍ତା ସଂଯୋଗ ହୋଇଥିବା ଦୃଷ୍ଟିରୁ ଏହାର ଚଉଡା ବୃଦ୍ଧି କରି ଏହାକୁ ଏକ Black Top ରାସ୍ତାରେ ପରିଣତ କରିବାର ନିଷ୍ପତ୍ତି କେବେ କାର୍ଯ୍ୟକାରି ହେବ ଜଣାଇବେ କି ?

----

## ଭୂମିହୀନ ପରିବାରଙ୍କୁ ଜମି ଯୋଗାଇବା

***623 ଶ୍ରୀ ଭାସ୍କର ମଢେଇ (ଉଦଳା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଉଦଳା ତହସିଲ, କପ୍ତିପଦା ତହସିଲ, ଗୋପବନ୍ଧୁ ନଗର ତହସିଲ ପରିସର ମଧ୍ୟରେ କେତେ ଭୂମିହୀନ ବ୍ୟକ୍ତିକୁ ୪ ଡ଼ିସିମିଲ ଜମି ଚଳିତବର୍ଷ ଯୋଗାଇବା ପାଇଁ ନିଷ୍ପତ୍ତି ନେଇଛନ୍ତି ତାର ଏକ ତହସିଲ ଅନୁଯାୟୀ ନାମ ତାଲିକା ପ୍ରଦାନ କରିବେ କି ?

----

## ଖଣିଜ ଖନନ ଦ୍ୱାରା ପରିବେଶ ଓ ସାମାଜିକ ପ୍ରଭାବ

***624 ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଖଣିଜ ସମ୍ପଦ ଖନନରେ ଅବୈଧ କାର୍ଯ୍ୟକଳାପ ଚୋରା ଚାଲାଣରେ ରାଜସ୍ୱ କ୍ଷତି ନିବାରଣ ପାଇଁ ସରକାର କୌଣସି ନୂତନ ନିୟମ କିମ୍ବା ପଦକ୍ଷେପ ନେଇଛନ୍ତି କି ;ଖଣିଜ ସମ୍ପଦ ଉତ୍ତୋଳନ କରୁଥିବା ସଂସ୍ଥାମାନେ ପାରିପାର୍ଶ୍ୱିକ ଉନ୍ନତି ପାଇଁ କି କି କାର୍ଯ୍ୟମାନ ହାତକୁ ନେଇଛନ୍ତି କିମ୍ବା କାହାଦ୍ୱାରା କରିଛନ୍ତି ସବିଶେଷ ତଥ୍ୟ ପ୍ରଦାନ କରିବେ କି ;(ଖ) ଖଣିଜ ଖନନରେ ପରିବେଶ ଏବଂ ସାମାଜିକ ପ୍ରଭାବ ନିମନ୍ତେ କୌଣସି ନୂତନ ନିୟମ ଓ ନିତୀ ପ୍ରଣୟନ କରିଛନ୍ତି କି; ଏହା କିପରି ପାଳନ କରାଯାଉଅଛି ଓ ଏହାକୁ କେଉଁ ଅଧିକାରୀମାନେ ତଦାରଖ କରୁଛନ୍ତି ?

----

## ରାସଗୋବିନ୍ଦପୁର ଏୟାରଷ୍ଟ୍ରୀପକୁ କାର୍ଯ୍ୟକାରୀ

***625 ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଲେଶ୍ୱର ଜିଲ୍ଲାରେ ବିମାନ ସଂଯୋଗ ବର୍ତ୍ତମାନ ଅତି ଜରୁରୀ ହୋଇପଡିଛି, ତେଣୁ ରାସଗୋବିନ୍ଦପୁର ଏୟାରଷ୍ଟ୍ରୀପକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ରାଜ୍ୟ ସରକାର ବର୍ତ୍ତମାନ ପୁଣି ଥରେ କେନ୍ଦ୍ର ସରକାରଙ୍କ ସହ ଆଲୋଚନା କରିବେ କି, ଯଦି ହଁ, କେବେ ସୁଦ୍ଧା ଏନେଇ ବିଧିବଦ୍ଧ ଆଲୋଚନା ଆରମ୍ଭ କରିବେ?

----

## ନଦୀଜଳ ପ୍ରବାହ ସୁଗମ କରିବା

***626 ଶ୍ରୀ ବିଭୂତି ଭୂଷଣ ବଳବନ୍ତରାୟ (ଜଟଣୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟର କେଉଁ କେଉଁ ନଦୀକୁ ଜବରଦଖଲ କରାଯିବା ଯୋଗୁଁ ବର୍ଷାଦିନେ ବନ୍ୟା ସଂକଟ ସୃଷ୍ଟି ହୋଇ ଜଳବନ୍ଦୀ ସ୍ଥିତି ଉପୁନ୍ନ ହେଉଛି, ଭୁବନେଶ୍ୱର ଆଖପାଖ ଅଞ୍ଚଳ ସହ ରାଜ୍ୟର ସମସ୍ତ ନଦୀ, ଉପନଦୀ, ଜବରଦଖଲ ମୁକ୍ତ କରି ଜଳପ୍ରବାହ ସୁଗମ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ମାଗଣାରେ ଜମି ରେର୍କଡ଼ଭୁକ୍ତ କରିବା

***627 ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଜମିବାଡ଼ି ବଣ୍ଟନକୁ ନେଇ ଅଂଶୀଦାରମାନଙ୍କ ମଧ୍ୟରେ ବୁଝାମଣା ଭିତ୍ତିରେ ସମ୍ପତ୍ତିକୁ ଭାଗ କରି ପଟ୍ଟା ପ୍ରଦାନ ପାଇଁ ବ୍ୟବସ୍ଥା ସହ ପିତାମାତା ଜୀବଦ୍ଦଶାରେ ନିଜର ସମ୍ପତ୍ତିକୁ ପିଲାମାନଙ୍କ ମଧ୍ୟରେ ବଣ୍ଟନ କରିବା ପାଇଁ ବ୍ୟବସ୍ଥା ସହ ସେମାନଙ୍କ ନାମରେ ମାଗଣାରେ ଜମି ରେକର୍ଡଭୁକ୍ତ କରିବାକୁ ସରକାରଙ୍କ ପ୍ରସ୍ତାବ ଅଛିକି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଅଛି ?

----

## ରାଜ୍ୟରେ କାର୍ଯ୍ୟକ୍ଷମ ଥିବା ଖଣି

***628 ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର କେଉଁ କେଉଁ ଜିଲ୍ଲାରେ କି ପ୍ରକାର ଖଣିଜ ପଦାର୍ଥ ମହଜୁଦ ରହିଛି, ସେଥିମଧ୍ୟରୁ ବର୍ତ୍ତମାନ ସୁଦ୍ଧା କେତେ ଖଣି ଲିଜ ସୂତ୍ରରେ ପ୍ରଦାନ କରାଯାଇଅଛି, ଏହାର ଜିଲ୍ଲାୱାରୀ ତଥ୍ୟ ପ୍ରଦାନ କରିବେ କି, ବର୍ତ୍ତମାନ ରାଜ୍ୟରେ କେତେ ସଂଖ୍ୟକ ଖଣି କାର୍ଯ୍ୟକ୍ଷମ ହେଉଅଛି ଓ କେତେ ସଂଖ୍ୟକ ବନ୍ଦ ହୋଇଛି ?

----

## ଆବଶ୍ୟକତା ଅନୁସାରେ ବସସେବା

***629 ଶ୍ରୀ ମାଧବ ଧଡା (ସୋରୋ):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସୋର ନିର୍ବାଚନ ମଣ୍ଡଳୀରେ ବ୍ଲକ ହେଡକ୍ୱାଟରରୁ ପ୍ରତ୍ୟେକ ଗ୍ରାମ ପଞ୍ଚାୟତର ମୁଖ୍ୟାଳୟକୁ କେତୋଟି ବସ ଚାଲୁଅଛି, ସୋର ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ରୁଟ୍ ରେ ଗ୍ରାମ ପଞ୍ଚାୟତର ମୁଖ୍ୟାଳୟକୁ ଯାତାୟାତ କରୁଥିବା ରୁଟ୍ ରେ ଲୋକଙ୍କର ଆବଶ୍ୟକତାକୁ ଭିତ୍ତି କରି ଅଧିକ ସଂଖ୍ୟକ ବସ ସେବା ଯୋଗାଇବାରେ ସରକାର ପଦକ୍ଷେପ ନେବେ କି ଏବଂ ଏହା କେବେ ସୁଦ୍ଧା କାର୍ଯ୍ୟକାରୀ ହେବ ?

----

## ଅଚଳଥିବା ଉଠାଜଳସେଚନ ପ୍ରକଳ୍ପ ପୁନଃକାର୍ଯ୍ୟକ୍ଷମ

***୬୩୦ ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- କଟକ ଜିଲ୍ଲାରେ କେଉଁ ବ୍ଲକରେ କେତେଗୋଟି ଉଠାଜଳସେଚନ ପ୍ରକଳ୍ପ ଥିଲାବେଳେ କେତେଗୋଟି ଚେକଡ୍ୟାମ୍ ନିର୍ମାଣ ହୋଇଛି, ତନ୍ମଧ୍ୟରୁ କେଉଁ କେଉଁ ଉଠାଜଳସେଚନ ପ୍ରକଳ୍ପ ଓ ଚେକଡ୍ୟାମ୍ ଅଚଳ ଅବସ୍ଥାରେ ଅଛି ; ଏହାକୁ ପୁନଃକାର୍ଯ୍ୟକ୍ଷମ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଅଛି?

----